# 'ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର



ପୁରୀ, ୨୬/୧୧(ଇମିସ): କେନ୍ଦ୍ର ସାହିତ୍ୟ ଅକାଦେମି ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ ପରିସର ମିଳିତ ଆନୁକୂଲ୍ୟରେ 'ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ' ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଅକାଦେମିର ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତିରୁପତି ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ତିରୁପତି ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି ଏସ୍ ଆର୍ କ୍ରିଷ୍ଣମୂର୍ତ୍ତି ଓ ସ୍ୱତନ୍ତ୍ର ଅତିଥି ଭାବେ ରାଜେନ୍ଦ୍ର ନାରାୟଣ କୃଷି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗ ଦେଇଥିଲେ। ଅତିଥିମାନେ ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଆଙ୍ଗିକ ଏବଂ ଆତ୍ମିକ ବିଭବ ଉପରେ ବିବିଧ ଚର୍ଚ୍ଚା କରିଥିଲେ। ପରେ ବୈଷୟିକ ଅଧିବେଶନ ଆରମ୍ଭ ହୋଇ ଓଡ଼ିଶା ଏବଂ ଓଡ଼ିଶା ବାହାରୁ ଆସିଥିବା ଅଧ୍ୟାପକ, ଅଧ୍ୟାପିକା, ଗବେଷକ, ଗବେଷିକାମାନେ ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ଏହି ବୈଷୟିକ ଅଧିବେଶନରେ ପ୍ରଫେସର ବସନ୍ତ କୁମାର ମିଶ୍ର, ପ୍ରଫେସର ସୀମାଞ୍ଚଳ ପଣ୍ଡା, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରଫେସର ପ୍ରଭାତ ରଂଜନ ମହାପାତ୍ର, ଡ. ନୃସିଂହନାଥ ଗୁରୁ, ପ୍ରଫେସର ହରିହର ପଣ୍ଡା, ପ୍ରଫେସର ସି. ଲଳିତାରାଣୀ, ଡ. ପାରମିତା ପଣ୍ଡା, ଡ. ନିରଞ୍ଜନ ମିଶ୍ର, ଡ. ଭାରତ ଭୂଷଣ ରଥ ପ୍ରମୁଖ ଯୋଗଦେଇଥିଲେ। ବୈଷୟିକ ଅଧିବେଶନକୁ ଡ. ରୁଦ୍ର ପ୍ରସାଦ ମିଶ୍ର ଓ ଡ. ସୁବ୍ରତ କୁମାର ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ପ୍ରଫେସର ସୁଶାନ୍ତ କୁମାର ରାଜ୍ ଓ ଅଧ୍ୟାପକ ବିଶ୍ୱନାଥ ମିଶ୍ର ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶ୍ରୀ ସଦାଶିବ ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ୍ କଳ୍ପତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।